**କର୍ଣ୍ଣାଟକ ଲୋକ ସେବା ଆୟୋଗ**

**ବନାମ**

**ପି.ଏସ୍. ରାମକ୍ରିଷ୍ଣା**

**ଜାନୁଆରୀ 17, 1996**

**[କେ. ରାମାସ୍ୱାମୀ, ବି.ଏଲ୍. ହଂସାରିୟା ଏବଂ ଏସ୍.ବି. ମଜମୁଦାର୍, ନ୍ୟାୟମୂର୍ତ୍ତିବୃନ୍ଦ]**

*ସେବା ଆଇନ:*

*ନ୍ୟାୟାଧିକରଣଙ୍କ ଆଦେଶ - ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସ୍ଥାପିତ ଆଇନକୁ ଦୃଷ୍ଟିରେ ରଖି ଏବଂ ଯେହେତୁ ମାମଲାଟି ସେହି ନିର୍ଣ୍ଣୟ ଦ୍ୱାରା ଅନ୍ତର୍ଭୁକ୍ତ, ତେଣୁ ତାହାକୁ ବାତିଲ କରାଯାଉଛି ।*

*କର୍ଣ୍ଣାଟକ ଲୋକ ସେବା ଆୟୋଗ ଏବଂ ଅନ୍ୟମାନେ ବନାମ ବି.ଏମ୍. ବିଜୟ ଶଙ୍କର ଏବଂ ଅନ୍ୟମାନେ,* **[1992] 2 SCC 206 ମାମଲାଟି ଏଠାରେ ଲାଗୁ ହେବ ବୋଲି ନିର୍ଣ୍ଣୟ ନିଆଯାଇଛି ।**

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 2413/1996 ।

ଏ. ସଂଖ୍ୟା 6612/1990 ରେ ବାଙ୍ଗାଲୋରସ୍ଥିତ କର୍ଣ୍ଣାଟକ ପ୍ରଶାସନିକ ନ୍ୟାୟାଧିକରଣଙ୍କ 18.12.90 ର ରାୟ ଏବଂ ଆଦେଶରୁ ଅପିଲ ।

ଅପିଲକାରୀଙ୍କ ତରଫରୁ ଏମ୍. ବୀରାପ୍ପା ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଯଦିଓ ସେପ୍ଟେମ୍ବର 28, 1993 ରେ ଉତ୍ତରଦାତାଙ୍କୁ ସୂଚନା ପଠାଯାଇଥିଲା, ଏହା "ଉପସ୍ଥିତ ନାହାନ୍ତି । ତେଣୁ, ପ୍ରେରକଙ୍କ ପାଖକୁ ଫେରିଯାଉ ।" ମନ୍ତବ୍ୟରେ ଫେରି ଆସିଥିଲା । ଏହା ସ୍ପଷ୍ଟ ହେବ ଯେ ଉତ୍ତରଦାତା ସୂଚନା ପ୍ରଦାନକୁ ଏଡ଼ାଉଛନ୍ତି । ତେଣୁ, ଉତ୍ତରଦାତାଙ୍କୁ ସୂଚନା ଦିଆଯାଇଅଛି ବୋଲି ବିବେଚନା କରାଯିବା ଉଚିତ୍ ।

ମଞ୍ଜୁରୀ ପ୍ରଦାନ କରାଗଲା ।

ଏହି ମାମଲାରେ ଉଠାଯାଇଥିବା ବିବାଦଟି *କର୍ଣ୍ଣାଟକ ଲୋକ ସେବା ଆୟୋଗ ଏବଂ ଅନ୍ୟମାନେ ବନାମ ବି.ଏମ୍. ବିଜୟ ଶଙ୍କର ଏବଂ ଅନ୍ୟମାନେ*, [1992] 2 SCC 206 ମାମଲାରେ ଏହି ନ୍ୟାୟାଳୟଙ୍କ ନିର୍ଣ୍ଣୟ ଦ୍ୱାରା ଅନ୍ତର୍ଭୁକ୍ତ ଅଟେ ।

ଉକ୍ତ ନିର୍ଣ୍ଣୟକୁ ଅନୁସରଣ କରି, ଏହି ଅପିଲଟିକୁ ମଞ୍ଜୁରୀ ଦିଆଯାଉଛି ଏବଂ ନ୍ୟାୟାଧିକରଣଙ୍କ ଆଦେଶଟିକୁ ବାତିଲ କରାଯାଉଛି, କିନ୍ତୁ କୌଣସି ଖର୍ଚ୍ଚ ରହିବ ନାହିଁ ।

ଜି.ଏନ୍.                                                  ଅପିଲଟିକୁ ମଞ୍ଜୁରୀ ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

*ଭାଷାନ୍ତର :*

**ଅମରେଶ୍ୱର ମିଶ୍ର, ଅନୁବାଦକ,**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**